ସୁଚିତ୍ରା ନାଗ

ବନାମ

ଆୟୁକ୍ତ, ସଞ୍ଚଇତା ପୁଞ୍ଜିନିବେଶ

ମାର୍ଚ୍ଚ 10, 1995

[ କେ. ରାମସ୍ୱାମୀ ଏବଂ ବି. ଏଲ. ହଂସାରିଆ, ନ୍ୟାୟମୂର୍ତ୍ତିଦ୍ୱୟ]

*ପ୍ରଶାସନିକ ଆଇନ: ପ୍ରାକୃତିକ ନ୍ୟାୟର ନୀତି- ସମ୍ପତ୍ତିର କ୍ରୋକ- ପତ୍ନୀ ସମ୍ପତ୍ତିର ମାଲିକାଣୀ ବୋଲି ଦାବି କଲେ- କେବଳ ସ୍ୱାମୀଙ୍କ ମାମଲା ବିଚାରକୁ ନେଇ ନ୍ୟାୟାଳୟ କ୍ରୋକକୁ ଅନୁମତି ଦେଇଥିଲେ–କୁହାଗଲା, ପତ୍ନୀଙ୍କ ମାମଲା ବିଚାରକୁ ନ ନେଇଥିବାରୁ କ୍ରୋକ ବୈଧ ନୁହେଁ ।*

ବିଚାରଣ ନ୍ୟାୟାଳୟ ଆବେଦନକାରୀଙ୍କ ସ୍ୱାମୀଙ୍କ ବିରୋଧରେ ଡିକ୍ରି ପାରିତ କରିଥିଲେ । ଆବେଦନକାରୀଙ୍କ ସ୍ୱାମୀଙ୍କ ଦ୍ୱାରା ଗଠିତ ମାମଲାକୁ ବିଚାର କରି ବିଚାରଣ ନ୍ୟାୟାଳୟ ଦ୍ୱାରା ପାରିତ ଡିକ୍ରିକୁ ମୁଖ୍ୟତଃ ଉଚ୍ଚ ନ୍ୟାୟାଳୟ ସୁନିଶ୍ଚିତ କରିଥିଲେ ।

ଆବେଦନକାରୀ ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଆପତ୍ତି ଦାଖଲ କରି ମକଦ୍ଦମା କରିଥିଲେ ଯେ ସେ ମକଦ୍ଦମାଭୁକ୍ତ ଫ୍ଲାଟର ମାଲିକାଣୀ ଏବଂ ତାଙ୍କ ସ୍ୱାମୀଙ୍କ *ବ୍ୟତିରେକ* ମକଦ୍ଦମାଭୁକ୍ତ ଫ୍ଲାଟ ଉପରେ ତାଙ୍କର ନିଜସ୍ୱ ସ୍ୱତନ୍ତ୍ର ଅଧିକାର, ମାଲିକାନା ଏବଂ ସ୍ୱତ୍ୱ ଥିଲା । ସେ ଆହୁରି ମଧ୍ୟ ଦାବି କରିଥିଲେ ଯେ ସଞ୍ଚଇତା ପୁଞ୍ଜି ନିବେଶ କିମ୍ବା ଏହାର କୌଣସି ଅଂଶୀଦାର କିମ୍ବା ପ୍ରତିନିଧି କିମ୍ବା ଉପ-ପ୍ରତିନିଧିଙ୍କ ସହ ତାଙ୍କର କୌଣସି ସମ୍ପର୍କ ନଥିଲା । ଆବେଦନକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ଆପତ୍ତିଗୁଡ଼ିକୁ ଉଚ୍ଚ ନ୍ୟାୟାଳୟ ଖାରଜ କରିଦେଇଥିଲେ । ତେଣୁକରି, ବର୍ତ୍ତମାନର ଆବେଦନଟି ।

ଆବେଦନକୁ ମଞ୍ଜୁରୀ ଦେଇ, ଏବଂ ଆବେଦନକାରୀଙ୍କ ଆପତ୍ତିଗୁଡ଼ିକର ବିଚାର ଏବଂ ଫଏସଲା କରିବା ପାଇଁ ମାମଲାକୁ ଉଚ୍ଚ ନ୍ୟାୟାଳୟକୁ ବିଚାରାର୍ଥେ ପଠାଇ, ଏହି ନ୍ୟାୟାଳୟ

କହିଲେ: ଉଚ୍ଚ ନ୍ୟାୟାଳୟର ରାୟରୁ ଯାହା ଜଣାପଡ଼େ ଯେ ଦୁଇ ଜଣିଆ ଖଣ୍ଡପୀଠ ଆବେଦନକାରୀଙ୍କ ଦ୍ୱାରା ଗଠିତ ମାମଲାକୁ ବିଚାର କରିନଥିଲେ । ଏହା ମୁଖ୍ୟତଃ ତାଙ୍କ ସ୍ୱାମୀଙ୍କ ମାମଲା ଉପରେ ବିଚାର କରିଥିଲେ ଯିଏ ଉକ୍ତ ଉତ୍ତରଦାୟିତ୍ୱକୁ ଅସ୍ୱୀକାର କରିଥିଲେ ଏବଂ ପ୍ରତିବାଦୀଙ୍କ ଦ୍ୱାରା ଦାବି କରାଯାଇଥିବା ରାଶି ପାଇଁ ତାଙ୍କୁ ଆଇନ ଅନୁଯାୟୀ ଦାୟ କରିଥିଲେ । ଡିକ୍ରୀକୁ ସୁନିଶ୍ଚିତ କରିବା ସମୟରେ, ଏହା ଜଣାପଡୁଥିଲା ଯେ ଆବେଦନକାରୀଙ୍କ ଦ୍ୱାରା ଗଠିତ ଦାବି ପ୍ରତି ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଧ୍ୟାନ ଦିଆଯାଇନଥିବା ପରି ବୋଧ ହେଉଛି, ଯେହେତୁ ପତ୍ନୀଙ୍କ ଦ୍ୱାରା ଦାଖଲ ହୋଇଥିବା ଆବେଦନକୁ ଖାରଜ କରିବାବେଳେ, ଏହା କୁହାଯାଇଥିଲା ଯେ ତାଙ୍କ ସ୍ୱାମୀଙ୍କ ଆବେଦନରେ ପାରିତ ଆଦେଶାନୁଯାୟୀ ଏହାର ଫଏସଲା କରାଯାଇଥିଲା ।

ଦେୱାନୀ ଅପିଲ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 3982/1995 ।

ମାମଲା ସଂଖ୍ୟା 4134/1990 ରେ କଲିକତା ଉଚ୍ଚ ନ୍ୟାୟାଳୟର ତା 21.7.94 ରିଖର ରାୟ ତଥା ଆଦେଶରୁ ।

ଆବେଦନକାରୀଙ୍କ ପକ୍ଷରୁ ଏ. ଏସ୍. ନାମ୍ବିଆର, ଚଞ୍ଚଲ କୁମାର ଦତ୍ତ, ପି. ଦତ୍ତ ଏବଂ ଶ୍ରୀମତୀ ସରଳା ଚନ୍ଦ୍ର ।

ପ୍ରତିବାଦୀଙ୍କ ପକ୍ଷରୁ ଗୋବିନ୍ଦ ମୁଖୋଟି, ଏଚ୍. କେ. ପୁରୀ, ଏସ୍. କେ. ପୁରୀ ଏବଂ ସମୀର ଘୋଷ ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଅନୁମତି ପ୍ରଦାନ କରାଗଲା ।

ଆବେଦନକାରୀ ଉଚ୍ଚ ନ୍ୟାୟାଳୟଙ୍କ ଦୁଇ ଜଣିଆ ଖଣ୍ଡପୀଠରର ତା 21 ଜୁଲାଇ, 1994 ରିଖର ଆକ୍ଷେପିତ ଆଦେଶ ବିରୁଦ୍ଧରେ ଆପତ୍ତି ଦାଖଲ କରିଥିଲେ ଯାହା ମାମଲା ସଂଖ୍ୟା 4134/90 ରେ ପ୍ରଦାନ କରାଯାଇଥିଲା । ଆବେଦନକାରୀ ଦାବି କରିଥିଲେ ଯେ ସେ, ନବରୋଗ ସମବାୟ ଆବାସନ ଲିମିଟେଡ୍, 15, ମେଫେୟାର ରୋଡ୍, କୋଲକାତା- 700019 ରେ ସ୍ଥିତ ସମ୍ପତ୍ତି ସଂଖ୍ୟା 4F ର ମାଲିକାଣୀ । ସେ ଦାବି କରିଥିଲେ ଯେ ଉକ୍ତ ସମ୍ପତ୍ତିଟି କ୍ରୋକ ପାଇଁ ଉତ୍ତରଦାୟୀ ନଥିଲା ଏବଂ ସଞ୍ଚଇତା ପୁଞ୍ଜି ନିବେଶ କିମ୍ବା ଏହାର କୌଣସି ଅଂଶୀଦାର କିମ୍ବା ପ୍ରତିନିଧି କିମ୍ବା ଉପ-ପ୍ରତିନିଧିଙ୍କ ସହ ତାଙ୍କର କୌଣସି ସମ୍ପର୍କ ନଥିଲା । ତାଙ୍କ ସ୍ୱାମୀଙ୍କ *ବ୍ୟତିରେକ* ସେ ଉକ୍ତ ଫ୍ଲାଟ ଉପରେ ନିଜର ସ୍ୱତନ୍ତ୍ର ଅଧିକାର, ମାଲିକାନା ଏବଂ ସ୍ୱତ୍ୱ ସ୍ଥାପନ କରିବାକୁ ଦାବି କରୁଛନ୍ତି ।

ଏହି ରାୟରୁ ଜଣାପଡୁଥିଲା ଯେ ତାଙ୍କ ଦ୍ୱାରା ଗଠିତ ମାମଲାକୁ ଦୁଇ ଜଣିଆ ଖଣ୍ଡପୀଠ ବିଚାର କରିନଥିଲେ । ଏହା ମୁଖ୍ୟତଃ ତାଙ୍କ ସ୍ୱାମୀଙ୍କ ମାମଲା ଉପରେ ବିଚାର କରିଥିଲେ ଯିଏ ଉକ୍ତ ଉତ୍ତରଦାୟିତ୍ୱକୁ ଅସ୍ୱୀକାର କରିଥିଲେ ଏବଂ ପ୍ରତିବାଦୀଙ୍କ ଦ୍ୱାରା ଦାବି କରାଯାଇଥିବା ରାଶି ପାଇଁ ତାଙ୍କୁ ଆଇନ ଅନୁଯାୟୀ ଦାୟ କରିଥିଲେ । ତଦନୁସାରେ ବିଚାରଣ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଡିକ୍ରିକୁ ସୁନିଶ୍ଚିତ କରାଯାଇଥିଲା । ଡିକ୍ରୀକୁ ସୁନିଶ୍ଚିତ କରିବା ସମୟରେ, ଯାହା ବୋଧ ହୁଏ ଯେ ଆବେଦନକାରୀଙ୍କ ଦ୍ୱାରା ଗଠିତ ଦାବିକୁ ଧ୍ୟାନ ଦିଆଯାଇନଥିବା ପରି ଲାଗୁଥିଲା । ଆବେଦନକୁ ଖାରଜ କରିବା ସମୟରେ ଉଲ୍ଲେଖ କରାଯାଇଥିଲା ଯେ ତାଙ୍କ ସ୍ୱାମୀଙ୍କ ଆବେଦନରେ ପାରିତ ଆଦେଶାନୁଯାୟୀ ଏହାର ଫଏସଲା କରାଯାଇଥିଲା ।

ଏହିଭଳି ପରିସ୍ଥିତିରେ ଆମ୍ଭେ ମନେ କରୁ ଯେ ଉକ୍ତ ଫ୍ଲାଟ ସମ୍ବନ୍ଧରେ ଆବେଦନକାରୀଙ୍କ କଥିତ ଦାବି ବିଚାର କରିବା ଏବଂ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନକୁ ଆଗକୁ ବଢ଼େଇବା ପାଇଁ ମାମଲାଟିକୁ ଉଚ୍ଚ ନ୍ୟାୟାଳୟକୁ ବିଚାରାର୍ଥେ ପ୍ରେରଣ କରିବା ଉଚିତ ହେବ । ଯେହେତୁ ଏହା ଆବେଦନକାରୀଙ୍କ ସହ ସମ୍ପୃକ୍ତ, ତେଣୁ ଖଣ୍ଡପୀଠରର ଆଦେଶକୁ ଅଗ୍ରାହ୍ୟ କରିବାପୂର୍ବକ, ସେହି ଅନୁସାରେ ଆବେଦନକୁ ମଞ୍ଜୁରୀ ଦିଆଯାଉଛି । ଆଇନ ଅନୁଯାୟୀ ଆପତ୍ତିଗୁଡ଼ିକର ତ୍ୱରିତ ବିଚାର ଏବଂ ଫଏସଲା କରିବା ପାଇଁ ଉଚ୍ଚ ନ୍ୟାୟାଳୟଙ୍କୁ ଅନୁରୋଧ କରାଯାଉଛି ।

ଆବେଦନକୁ ମଞ୍ଜୁରୀ ଦିଆଯାଇଛି ।

ବି. କେ. ଏମ୍

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**